ଧରିତ୍ରୀ

DHARITRI

(Published simultaneously from Bhubaneswar, Sambalpur, Dhenkanal and Berhampur)

# ଆଇଆଇପିଏମରେ ପିଜିଡିଇଏମ ଖୋଲିଲା

ରାଉରକେଲା ଅଫିସ, ୭।୮-ଆଜି କାଂଶବାହାଲସ୍ଥିତ ଇଣ୍ଡିଆର୍ନ ଇନ୍ଷ୍ଟିଚ୍ୟୁଟ ଅଫ୍ ପ୍ରଡ଼କ୍ସନ ମ୍ୟାନେଜମେଣ୍ଟଠାରେ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବେ ରାଉରକେଲା ଏନଆଇଟିର ନିର୍ଦ୍ଦେଶକ ପ୍ରଫେସର ଡଃ ଏସ.କେ.ଷଡ଼ଙ୍ଗୀ ଏବଂ କାଂଶବାହାଲସ୍ଥିତ୍ ଏଲ ଆଣ୍ଡ ଟି.ର ମହାପ୍ରବନ୍ଧକ ଏସ.କେ.ଗୁପ୍ତା ଯୋଗ ଦେଇଥିଲେ । ଅନୁଷ୍ଠାନର ସହକାରୀ ନିର୍ଦ୍ଦେଶକ ଡଃ ମିହିର ରଞ୍ଜନ ନାୟକ ତାଙ୍କ ସ୍ୱାଗତ ଭାଷଣରେ କହିଲେ ଯେ, ଏହି କୋର୍ସ ହେଉଛି ଏକ ବର୍ଷିଆ ପାଠ୍ୟକ୍ରମ । ଏହି ପାଠ୍ୟକ୍ରମ ଜରିଆରେ ଜଣେ ଛାତ୍ର ଟେକ୍ନୋ କ୍ୟାରିୟରରୁ ଟେକ୍ନୋ ମ୍ୟାନେଜମେଣ୍ଟକୁ ପ୍ରମୋଶନ ହୋଇପାରିବ । ଡଃ ନାୟକ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ ଯେ, ଏହି ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପରେ ଶତକଡ଼ା ୯୫ ଭାଗ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି । ବର୍ତ୍ତମାନ ସୁଦ୍ଧା ୯୦ଟି ଦେଶର ୧୧ ଶହ ଛାତ୍ରୀଛାତ୍ର ଉତୀର୍ଣ୍ଣ ହୋଇସାରିଛନ୍ତି ଏବଂ ୪୦ଟି କମ୍ପାନୀରେ ୨୫ ହଜାର ଛାତ୍ରୀଛାତ୍ର ତାଲିମ ନେଇସାରିଛନ୍ତି । ଡଃ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଛାତ୍ରୀଛାତ୍ରମାନେ ନିଯୁକ୍ତି ପାଇବା ସେମାନଙ୍କ ଦକ୍ଷତା, ଗୁଣାତ୍ମକମାନ ଉପରେ ନିର୍ଭର କରୁଛି । ଏହି ପାଠ୍ୟକ୍ରମ ଶେଷ କରିବା ପରେ ଶତକଡ଼ା ୧୦୦ ଭାଗ ଛାତ୍ରୀଛାତ୍ର ନିଯୁକ୍ତି ମଧ୍ୟ ପାଇପାରିବେ । ଅନ୍ୟତମ ଅତିଥି ଶ୍ରୀ ଗୁପ୍ତା କହିଲେ ଯେ, ଆମେ ସମସ୍ତେ ଅତୀତକୁ ଜାଣୁ । କିନ୍ତୁ ଭବିଷ୍ୟତ ସମ୍ପର୍କରେ ଆମେ ନିଶ୍ଚିତ ନୋହୁଁ । ତେଣୁ କର୍ମ କରି ଚାଲନ୍ତୁ, ଫଳ ଆପେ ଆପେ ମିଳିବ । ଜଣେ ଛାତ୍ରର ୪ଟି ସ୍ତର ତଥା ମାନସିକ, ଶାରୀରିକ, ଭାବପ୍ରବଣତା ଓ ଆଧ୍ୟାତ୍ମିକତା ସ୍ତର ଠିକ୍ ଭାବେ ସଂଗଠିତ ଥିଲେ ସେ ନିଶ୍ଚିତ ଜୀବନ୍‌ରେ ସଫଳତା ପାଇପାରିବ ।